# Akashvani, Sambalpur

# SAMBALPURI NEWS MORNING BULLETIN

# 9 May 2026 - 6.47- 6.52 am.

---

ପଶ୍ଚିମବଙ୍ଗ୍ -ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମବଙ୍ଗ୍ ନୂଆଁ ମୁଖ୍ୟମନ୍ତ୍ରୀ ଭାବେ ବିଜେପିର୍ ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀ ଆଏଜ୍ ଶପଥ୍ ଗ୍ରହଣ୍ କର୍‌ବେ । ସଖାଲର୍ ୧୧ ବଜେ କୋଲ୍‌କାତାର୍ ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡ୍ ନ ଶ୍ରୀ ଅଧିକାରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ୍ ନେବେ । ସ୍ୱାଧୀନତା ଉତ୍‌ରୁ ପଶ୍ଚିମବଙ୍ଗ ନ ବିଜେପି ପହେଲା ଲାଗି ସରକାର ଗଠନ କରିବା । ଇ ଶପଥ ଗ୍ରହଣ ଉତ୍ସବଥି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସହେତେ କେନ୍ଦ୍ର ମନ୍ତ୍ରୀମଣ୍ଡଳର ଅନେକ୍ ସଦସ୍ୟ, ବିଜେପି ଆର୍ ଏନ୍.ଡି.ଏ. ଶାସିତ ରାଜ୍ୟ ମାନ୍‌କର୍ ମୁଖ୍ୟମନ୍ତ୍ରୀମାନେ ଭିଲ୍ ଯୋଗ୍‌ଦେବେ ।

ଗଲାକାଏଲ୍ ଶ୍ରୀ ଅଧିକାରୀ ବିଜେପିର୍ ବିଧାୟକ୍ ଦଲ୍ ନେତା ନିର୍ବାଚିତ୍ ହେବାର୍ ଉତ୍ରୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ୍ ଆଉ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ତାଙ୍କର୍ ନାଁ ଘୋଷ୍ନା କରିଥିଲେ ।

ଶ୍ରୀକ୍ଷେତ୍ର ଭଉଁରୀ          ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଭଉଁରୀ ଅବ୍ସରେ ଆଏଜ୍ ପରମ୍ପରା ଅନ୍ସାରେ ରଥଖଲା ନ ଚକଅଖ ଡେରା ନୀତି ହେବା । ସଖାଲ ଧୂପନୀତି ଶେଷ୍ ହେବାର୍ ଉତ୍ରୁ ଘଂଟଛତା ବିଜେ କାହାଲୀ ସହେତେ ପଟୁଆର୍ଥି ଆଜ୍ଞାମାଳ ବିଜେ ହେବା । ପୂଜାପଣ୍ଡା ସେବକମାନେ ବିଧି ଅନ୍ସାରେ ତିନ୍ହି ରଥ ଲାଗି ଆଜ୍ଞାମାଳକେ ରଥଖଲାଥି ବିଜେ କର୍ବାର୍ ଉତ୍ରୁ ଫି' ରଥର୍ ୨ ଟା ଚକଥି ଅଖ ଡେରା ନୀତି ଭୋଇ ସେବକମାନେ କର୍ବେ ।

ସେନ୍ତା ଆଏଜ୍ ବାହାର ଚନ୍ଦନଯାତ୍ରାର୍ ଶେଷ୍ ଦିନେ ନରେନ୍ଦ୍ର ପୁଷ୍କରିଣୀଥି ରାତି ଚାପଥି ୨୧ ଘେରା ଜଳକ୍ରୀଡ଼ା ସହେତେ ଭଉଁରୀ ବିଧି ହେବା ।

ଉପମୁଖ୍ୟମନ୍ତ୍ରୀ-ସବ୍‌ଷ୍ଟେସନ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ମୟୁର୍‌ଭଞ୍ଜ୍ ଜିଲ୍ଲାର୍ ଦେଉଳି ଠାନେ ୩୩/ ୧୧ କେଭି ସବ୍‌ଷ୍ଟେସନ୍‌କେ ଆଭାସୀ ଜରିଏ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଶ୍ରୀ ସିଂହଦେଓ କହିଛନ୍ ଯେ, ଇଟା ଗ୍ରାମୀଣ୍ ବିଦ୍ୟୁତ୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ସହେତେ ପିଏମ୍ ସୂର୍ଯ୍ୟଘର୍ ମାଗଣା ବିଜ୍‌ଲି ଯୋଜ୍‌ନା ଅପ୍‌ନେଇକରି ସ୍ୱଚ୍ଛଶକ୍ତିକେ ପ୍ରୋତ୍ସାହିତ୍ କର୍‌ବା । ଇ ସବ୍‌ଷ୍ଟେସନ୍‌ଥି ଚୁହାଟା, କାନିମହୁଲ୍, ନୂଆଁଗାଁ, ଝାଲିଆମରା, ଆଳକୁଦା ଆଉ ଦେଉଳି ପଂଚାୟତ୍‌ର ୧୫ ହଜାର୍‌ନୁ ଅଏତ୍‌କା ପରିବାର୍ ଉପକୃତ୍ ହେବେ ।

ସ୍ୱାସ୍ଥ୍ୟମନ୍ତ୍ରୀ- ବଲାଙ୍ଗିର୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଗଲାକାଏଲ୍ ବଲାଙ୍ଗିର୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ୍ କରିକରି ଜିଲ୍ଲାର୍ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର୍ ସମୀକ୍ଷା କରିଛନ୍ ।

ଡକ୍ଟର୍ ମହାଲିଙ୍ଗ୍ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଅଧୀନଥି ମାତୃ ଆଉ ଶିଶୁ ସ୍ୱାସ୍ଥ୍ୟ, ଟୀକାକରଣ୍ ଆଉ ପରିବାର୍ କଲ୍ୟାଣ୍ କାର୍ଯ୍ୟକ୍ରମ୍‌ର ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିଥିଲେ । ଇତାର୍‌ଛଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଉ ସବୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍‌କେ ଆବଶ୍ୟକ୍ ଭିତିଭୂମି ଆଉ ଉପକରଣ୍‌ର ଥିତି ବାବ୍‌ଦେ ଆଲୋଚନା କରାଯାଇଥିଲା ।

ୟୁଭେଂଟିକା ଆର୍‌ଏନ୍‌ୟୁ/ ସମ୍ବଲପୁର

ସାଇବର୍ ଅପରାଧ୍ ଆଉ ସାମାଜିକ୍ ସମସ୍ୟାନୁ ସୁରକ୍ଷା ଲାଗି କିଶୋର୍ କିଶୋରୀମାନେ ନାଇଁ ଡରିକରି ପୁଲିସ୍ ସାଙ୍ଗେ ଯୋଗାଯୋଗ୍ କର୍‌ବାର୍‌କେ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଅନୁରୋଧ୍ କରିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ପୁଲିସ୍ ସେବା ଭବନ୍ ନ ଓଡ଼ିଶା ପୁଲିସ୍ ଆଉ ୟୁନିସେଫ୍ ତର୍‌ଫୁ ୟୁଭେଂଟିକା - କିଶୋର୍ କିଶୋରୀମାନ୍‌କର୍ ସଙ୍ଗେ ପୁଲିସ୍‌ର ସଚେତନତା ଆଉ ସମ୍ପର୍କ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିକରି ପୁଲିସ୍ ମହାନିର୍ଦ୍ଦେଶକ୍ ଶ୍ରୀ ଖୁରାନିଆ କହିଛନ୍,

ଯୁଭେଂଟିକା ଜରିଏ ପୁଲିସ୍ ବ୍ୟବସ୍ଥାକେ ଶିଶୁ ଆଉ କିଶୋର୍ କିଶୋରୀଙ୍କର୍ ଲାଗି ଅଏତ୍କା ସୁରକ୍ଷିତ୍ ଆଉ ବନ୍ଧୁତ୍ୱପୂର୍ଣ୍ଣ କର୍ବାର୍କେ ଉଦ୍ୟମ୍ କରାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟର୍ ପୁଲିସ୍ ଥାନା ମାନ୍କେ ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ୧୫ ହଜାର୍ ନୁ ଅଏତ୍କା କିଶୋର୍ -କିଶୋରୀ ଯୋଗ୍ ଦେଇଛନ୍ । ଇତାର୍‌ଛଡ଼ା ଅଙ୍ଗନବାଡ଼ି ୱାର୍କର୍ ଆଉ ପାରାଲିଗାଲ୍ ଭଲେଂଟିଅର୍ସ ମାନେ ଭିଲ୍ ଇଥି ସାମିଲ୍ ହେଇଥିଲେ ।

ବର୍ଗଡ୍ କେନାଲ୍ ଜଲଯୋଗାଣ୍ ଆର୍ଏନ୍ୟୁ/ ସମ୍ବଲପୁର

ବର୍ଗଡ୍ ଜିଲ୍ଲାର୍ କେନାଲ୍ ଜଲ୍‌ସେଚିତ୍ ଅଂଚଲ୍‌ର ଡାଲୁଆ ଧାନ୍ ଏବ୍‌ତକ୍ ନାଇଁ ପାଚିଥିବାର୍‌ନୁ କେନାଲ୍‌ଥି ଜଲଯୋଗାଣ୍ ଆଏବା ୧୫ ତାରିଖ୍‌ତକ୍ ବଢ଼ାଯାଇଛେ । ଇ ବାବ୍‌ଦେ ବର୍ଗଡ୍ କେନାଲ୍ ଡିଭିଜନ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ସେ ଅଂଚଲ୍ ମାନ୍କେ ଆବଶ୍ୟକ୍ ପାଏନ୍ ପୁହୁଁଚାବାରକେ ଜଲଯୋଗାଣ୍ ସମିଆ ବଢ଼ାଯାଇଛେ ବଲି ଘୋଷ୍‌ନା କରାଯାଇଛେ ।

ସମୀକ୍ଷା ବୈଠକ୍            ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ନ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ରାଜସ୍ୱ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଭୂ-ରାଜସ୍ୱ, ରୟାଲ୍‌ଟି ଆଦାୟ, ଜଳକର, ବସୁନ୍ଧରା, ସ୍କୁଲ୍, କଲେଜ୍ ପଟ୍ଟା, ଘର୍‌ବାରି ଜମି ଆବଂଟନ୍, ହାଇଟେକ୍ ସର୍ଭେ ଅଧୀନ୍‌ଥି ୨୩ ଟା ସଂଶୋଧନ୍ ମାମ୍‌ଲା ଆଉ ଭିନ୍ ଭିନ୍ କର ଆଦାୟ ବାବ୍‌ଦେ ତହସିଲ୍‌ଦାର୍ ଆଉ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଆଲୋଚନା କରିଥିଲେ ।

ରକ୍ତଦାନ୍ ଶିବିର            ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ରେଡ଼କ୍ରସ୍ ସୋସାଇଟି ଆଉ ରକ୍ତଭଣ୍ଡାର୍ ତର୍‌ଫୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ଗଲାକାଏଲ୍ ଗୁଟେ ରକ୍ତଦାନ୍ ଶିବିର୍ ହେଇଯାଇଛେ । ଇଥି ମୋଟ୍ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛେ । ଇ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ନୃପରାଜ୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

୩୫ ଦିନିଆ ପ୍ରାକ୍ ତାଲିମ୍ ଶିବିର          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସାନ୍‌ମହେଶ୍ୱର୍ ବନବିଭାଗ୍ ସେକ୍ସନ୍ ନ ନୂଆପଡ଼ା ଆଦର୍ଶ ଡିଗ୍ରୀ କଲେଜ୍‌ର ୩୦ ଝନ୍ ଛାତ୍ରଛାତ୍ରୀଙ୍କର୍ ଲାଗି ୩୫ ଦିନିଆ ପ୍ରାକ୍ ତାଲିମ୍ ଶିବିର୍ ହେଇଯାଇଛେ । ଶିବିର୍‌ଥି ଛାତ୍ରଛାତ୍ରୀମାନେ ବୃକ୍ଷ, ଚାରା ପ୍ରସ୍ତୁତି, ନର୍ସରୀ ଆଉ ଚାରାର୍ ଯତ୍ନ ବାବ୍‌ଦେ କ୍ଷେତ୍ର ପରିଦର୍ଶନ୍ କରିକରି ତାଲିମ୍ ନେଇଛନ୍ । ସେମାନ୍‌କୁ ମଞ୍ଜି ଜଗାବାର୍ ଦିନୁ ନେଇକରି ୩ ଦିନ୍ ଭିତ୍‌ରେ ଚାରାର୍ ଯତନ୍ ଆଉ ଗଛ୍ ହେବାର୍‌ତକ୍ ପ୍ରକ୍ରିୟା ବାବ୍‌ଦେ ତାଲିମ୍ ଦିଆଯାଇଛେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ନ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଘୂର୍ଣ୍ଣିବଳୟ ଆହୁରି ଘନୀଭୂତ୍ ହେଇକରି ଆଏବା ୧୨/୧୩ ତାରିଖ୍

ବେଲ୍‌କେ ଲଘୁଚାପ୍‌ର ରୂପ୍ ନେଇପାରେ । ଆଏଜ୍ ରାଜ୍ୟର୍ ସବୁ ଜିଲ୍ଲା ନ ବିଜ୍‌ଲି, ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଅାଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୨ ନୁ ୩ ଦିନ୍ ଭିତ୍‌ରେ ରାଏଜେ ସବୁନୁ ଜହ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼୍‌ବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆକଲନ୍ କରାଯାଇଛେ ।